# Akashvani, Sambalpur

# SAMBALPURI NEWS MORNING BULLETIN

## 22 April 2026 - 6.47- 6.52 am.

---

ରାଜ୍ୟ କେବିନେଟ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ବେଲ୍‌ବୁଡ଼େ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ବୈଠକ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯିବାର୍ କାର୍ଯ୍ୟସୂଚୀ ରହିଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି      ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଅଶୋକ୍ ନଗର୍ ଠାନେ ଆଏବା ୨୭ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଇଥିର୍‌ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏଜ୍ ସଖାଲର୍ ୧୧

ବଜେନୁ ମୁଲ୍ ହେବା । ଇଚ୍ଛୁକ ଲୁକେ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ ଜନାବାର୍ ଲାଗି ଜନଶୁଣାଣି ପୋର୍ଟାଲ୍ କି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ବାଚସ୍ପତି ସମ୍ମିଲନୀ ଆଇ ଆଣ୍ଡ୍ ପି.ଆର୍

୪ ଟା ରାଜ୍ୟର୍ ବିଧାନ୍‌ସଭାର୍ ବାଚସ୍ପତି ମାନ୍‌କର୍ ସମ୍ମିଲନୀ ଗଲାକାଏଲ୍ ପୁରୀଠାନେ ହେଇଯାଇଛେ । ଭାରତୀୟ ସମ୍ବିଧାନ୍‌ର ଦଶମ ସୂଚୀ ଅନ୍‌ସାରେ ବାଚସ୍ପତି ମାନ୍‌କର୍ କ୍ଷମତା ଆଉ ଦାୟିତ୍ୱ ସହେତେ ଦଲ୍‌ବଦଲ୍ ନିରୋଧ୍ ଆଇନ୍‌କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସମ୍ମିଲନୀଥି ଆଲୋଚନା ହେଇଛେ । ମହାରାଷ୍ଟ୍ର ବିଧାନ୍‌ସଭାର୍ ବାଚସ୍ପତି ରାହୁଲ୍ ନର୍‌ୱେକର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ କର୍ଣ୍ଣାଟକ୍ ଆଉ ନାଗାଲାଣ୍ଡ୍‌ର ବାଚସ୍ପତି ଯୋଗ୍

ଦେଇଥିଲେ । ଇତାରପରବର୍ତୀ ସମ୍ମିଲନୀ କର୍ଣ୍ଣାଟକ୍ ଠାନେ ହେବା ବଲି ଜନାପଡ଼ିଛେ ।

ତୃତୀୟ ଲିଙ୍ଗି କଲ୍ୟାଣ୍ ବୋର୍ଡ଼ ଗଠନ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ରାଏଜେ ତୃତୀୟ ଲିଙ୍ଗି କଲ୍ୟାଣ୍ ବୋର୍ଡ଼ ଗଠନ୍ କରିଛନ୍ । ରାଜ୍ୟ ମୁଖ୍ୟ ଶାସନ୍ ସଚିବ ବୋର୍ଡ଼ର ଅଧ୍ୟକ୍ଷ ଆଉ ସାମାଜିକ୍ ସଶକ୍ତିକରଣ୍ ଭିନ୍ନକ୍ଷମ୍ ବିଭାଗ୍‌ର ସଚିବ ଉପାଧ୍ୟକ୍ଷ ଦାୟିତ୍ୱ ରହିଛନ୍ । ସେନ୍ତା ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଭିଲ୍ ଇ ବୋର୍ଡ଼ର ସଦସ୍ୟ ରହିଛନ୍ । ୧୫ ଝନ୍ ସଦସ୍ୟଙ୍କୁ ନେଇକରି ନୂଆଁକରି ଇ ବୋର୍ଡ଼ ଗଠନ୍ କରାଯାଇଛେ । ଇ ବାବ୍‌ଦେ ଗଲାକାଏଲ୍ ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଏଲ୍‌ପିଜି        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଏଲ୍‌ପିଜି ଗେସ୍ ଯୁଗାବାର୍ କ୍ଷେତ୍ରଥି କଲାବଜାରୀକେ ରୁକ୍‌ବାର୍ ଲାଗି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍

ତରଫ୍ରୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଉଛେ । ଭିନ୍ ଭିନ୍ ଜିଲ୍ଲା ବିଭାଗ୍ ତରଫ୍ରୁ ଅଧିକାରୀମାନ୍କୁ ନେଇକରି କଡ଼ାକଡ଼ି ଯାଂଚ୍ କରାଯାଉଛେ । ରାଏଜେ ୨ ହଜାର୍ ୭ ଶହ ୪୬ ଟା ଜାଗା ନ ଚଢ଼ଉ କରାଯାଇକରି ୫ ହଜାର୍ ୩ ଶହ ୮ ଟା ସିଲିଣ୍ଡର୍ ଜବତ୍ କରାଯାଇଛେ । ଇ ଘଟ୍ନାଥି ୫ ଝନ୍କୁ ଗିରଫ୍ କରାଯିବାର୍ ସହେତେ ୩ ଶହ ୯୭ ଟା ମାମ୍ଲା ରୁଜୁ କରାଯାଇଛେ ।

ପୁରୀ କୋଷ୍ଟାଲ୍ ମାରାଥନ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ଖଣି ନିଗମ୍ ତରଫ୍ରୁ ପୁରୀ ବ୍ଲୁଫ୍ଲାଗ୍ ବିଚ୍ ଠାନେ ଆଏଜ୍ଠାନୁ ପୁରୀ କୋଷ୍ଟାଲ୍ ମାରାଥନ୍ ୨୦୨୬ ମୁଲ୍ ହେବା । କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଭାତୀ ପରିଡ଼ା ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍ସରେ ଓଡ଼ିଶା ପର୍ଯ୍ୟଟନ୍ ବିଭାଗ୍ର ନୂଆଁ ଟେଗ୍ଲାଇନ୍ ଭିଲ୍ ଉନ୍ମୋଚିତ୍ ହେବା ।

ଗ୍ରୀଷ୍ମ ପାଠ୍ପଢ଼ା ହି.ସ.

ଆଏବା ଖରାଛୁଟିଥି ଶିଶୁ ବାଟିକା ନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୱ୍ୱାଟ୍‌ସ୍‌ଆପ୍ ଜରିଏ ଖରାଦିନିଆ ପାଠ୍‌ପଢ଼ା ସମର୍ ଲର୍ଣ୍ଣିଂ ବ୍ୟବସ୍ଥା କରାଯିବାର୍ ଲାଗି ଓଡ଼ିଶା ବିଦ୍ୟାଲୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଅଭିଭାବକ୍ ମାନ୍‌କର୍ ହ୍ୱାଟ୍‌ସ୍‌ଆପ୍ ନମ୍ବର୍ ଜରିଏ ଛାତ୍ରଛାତ୍ରୀମାନ୍‌କୁ ଶିକ୍ଷଣ କାମ୍ ଦିଆଯିବାର୍ ବାବ୍‌ଦେ ଚିଠିଥି କୁହାଯାଇଛେ ଆଉ ଆଏବା ୨୫ ତାରିଖ୍‌ତକ୍ ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ ବନାବାର୍‌କେ ଶିକ୍ଷା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜେଇଇ ମେନ୍ ସେସନ୍ -୨ ଆଇ ଆଣ୍ଡ୍ ପି.ଆର୍

ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେଇଇ ମେନ୍ ସେସନ୍ -୨ ଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଭଲ୍ ପ୍ରଦର୍ଶନ୍ କରିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଭିନ୍ ଭିନ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟନୁ ମୋଟ୍ ଶହେ ୪୧ ଝନ୍ ଛାତ୍ରଛାତ୍ରୀ ଇ ପରୀକ୍ଷାଥି ଯୋଗ୍ୟତା ଲାଭ କରିଛନ୍ । ପିୟୁସ୍ ରଞ୍ଜନ୍ ସ୍ୱାଇଁ ୯୯ ଦଶ୍‌ମିକ୍

୮/୯ ପ୍ରତିଶତ୍ ମାର୍କ ରଖିକରି ପହେଲାଠାନେ ରହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍ସରେ କୃତୀ ଛାତ୍ରଛାତ୍ରୀମାନ୍କୁ ଶୁଭେଚ୍ଛା ଜନେଇଛନ୍ ।

ପୃଥିବୀ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ପୁର୍ଥି ନ ରହୁଥିବା ସବୁ ପ୍ରାଣୀ ଆର୍ ଉଦ୍ଭିଦମାନ୍କୁ ବଁଚାବାର୍ ଆର୍ ପରିବେଶ୍ ଲାଗି ଲୁକଙ୍କର୍ ଭିତ୍ରେ ସଚେତନ୍ତା ବଢ଼ାବାର୍ ଉଦ୍ଦେଶ୍ୟ ଆଏଜ୍ ପୃଥିବୀ ଦିବସ୍ ପାଲନ୍ କରାଯାଉଛେ । ୧୯୭୦ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଥିବାର୍ ବେଲେ ଇହାଦେ ଶହେ ୭୫ ଟା ଦେଶେ ପୁଥିବୀ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ପୃଥିବୀ ଦିବସର ବାର୍ତା ରହିଛେ 'ଆମର୍ ଗ୍ରହ-ଆମର୍ କ୍ଷମତା ' ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା ।

## ଜାତୀୟ ସେବା ଯୋଜ୍‌ନା-ଦକ୍ଷତା ବିକାଶ୍ ଶିବିର୍ ନୂଆପଡ଼ା

ନୂଆପଡ଼ା ନେସ୍‌ନାଲ୍ କଲେଜ୍ ପଢ଼ିଆ ଠାନେ ଜାତୀୟ ସେବା ଯୋଜ୍‌ନାର୍ ଦିନ୍‌କିଆ ଦକ୍ଷତା ବିକାଶ୍ ଶିବିର୍ ହେଇଯାଇଛେ । ଇ ଅବ୍‌ସରେ ସ୍ୱେଚ୍ଛାସେବୀ ଜାନକୀ ଦଣ୍ଡସେନା ଆଉ ପୁନମ୍ ଦେବାଙ୍ଗନ୍‌ଙ୍କୁ ଜାତୀୟ ସେବା ଯୋଜ୍‌ନାଥି ଭଲ୍ ପ୍ରଦର୍ଶନ୍ ଲାଗି ପୁରସ୍କୃତ୍ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ କପ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କ୍ରୀଡ଼ା ସଂଘ ତର୍ଫୁ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା କ୍ରୀଡ଼ା ବିଭାଗ୍ର ସହଯୋଗ୍ଥି ୧୪ ବଛର୍ନୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃକ୍ଲବ୍ ଚମ୍ପିଆନ୍ସିପ୍ -୨୦୨୬ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ପ୍ରତିଯୋଗିତାଥି ମନୋନୀତ୍ ହେଇଥିବା ଖେଲାଳୀମାନେ ରାଜ୍ୟସ୍ତରୀୟ ଖେଲ୍ ପ୍ରତିଯୋଗିତାଥି ଭାଗ୍ ନେବେ ବଲି ଜିଲ୍ଲା କ୍ରୀଡ଼ା ସଂଘ ତର୍ଫୁ ସୂଚ୍ନା ଦିଆଯାଇଛେ । ପ୍ରତିଯୋଗିତାଥି ମୋଟ୍ ୪୮ ଟା ଦଲ୍ ଭାଗ୍ ନେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ତାତି ବଢ଼୍ବାର୍କେ ଲାଗିଛେ । ଗଲା କିଛି ଦିନ୍ ହେଲା ପଶ୍ଚିମ୍ ଓଡ଼ିଶାର୍ ଭିନ୍ ଭିନ୍ ସହର୍ ନ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରେକର୍ଡ଼ କରାଯାଉଛେ । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଗଲାକାଏଲ୍ ଝାର୍ସୁଗୁଡ଼ା ନ ୪୩ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା । ଆଏବା କାଏଲ୍ତକ୍ ରାଜ୍ୟର୍ ୧୬ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ସାମାଏନ୍ ନୁ ମଧମ ଧରଣ୍ର ବର୍ଷା

ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।